# ତହସିଲ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର (ଗଞ୍ଜାମ)

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

ପତ୍ର ସଂଖ୍ୟା ...4495... ସୈରାତ ତାରିଖ- ...23/8/18...

ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ତହସିଲ ଅଧୀନରେ ସୈରାତ ଉତ୍ସ ଗୁଡ଼ିକ ଆଗାମୀ 5 (ପାଞ୍ଚ) ବର୍ଷ ନିମନ୍ତେ **2018-19** ଠାରୁ **2022-23** ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ବାନ କରାଯାଉଛି ।

ସୈରାତ ଉତ୍ସ ଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସ ର ପ୍ରକାର , ମୌଜାର ନାମ, ପ୍ଲଟ୍ ନଂ, ଖାତା ନଂ, ର କବା, ସଲଭେନ୍ସି ସାର୍ଟିଫିକେଟ୍ ଏବଂ ଇଏମ୍ ଡ଼ି ଗଂଜାମ ଜିଲ୍ଲା ୱେବ୍ ସାଇଟ୍ http://ganjam.nic.in ସୈରାତ ଅଧୀନରେ ଉପଲବ୍ଧ ହେବ ।ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ୍ୟ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।ପ୍ରକାଶ ଥାଉକି ...07.09.18... ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ୍ ନାହିଁ ।

[signature] 23/8/18

ରାଜସ୍ବ ଅଧିକାରୀ ତଥା ତହସିଲଦାର
ପୁରୁଷୋତ୍ତମପୁର

**Memo No** ...4496... **Dt** ...23/8/18...

Original notice is forwarded to the Advertisement Manager, Eastern media Ltd., Berhampur/ The ***Odia Sambad/ The Dharitri***, Berhampur edition for information and publication of above item for a single day.

[signature] 23/8/18

Tahasildar, Purushottampur
TAHASILDAR
Purushottampur (Gm.)

# ତହସିଲ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର (ଗଞ୍ଜାମ)

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

ସଂଖ୍ୟା- 4497 ତାରିଖ- 23/8/18

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅଧିନସ୍ଥ, ପୁରୁଷୋତମପୁର ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ **ଗୁଡିକ ୧୮-୧୯ ବର୍ଷ ଠାରୁ ୨୨-୨୩ (ପାଂଚ)** ବର୍ଷିଧି ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ 'ଗ' ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତ ର ତିନି (୩) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା ....07.09.18........ ରିଖ ଦିନ ଦିବା ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ପୁରୁଷୋତମପୁରଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକ ସେହି ଦିନ ଦିବା ୩.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ **"ସୈରାତ ଉତ୍ସର ନାମ"** ଲେଖିବାକୁ ପଡିବ । ଦରଖାସ୍ତକାରୀ ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ ।।

*ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ:-*

୧. ଦରଖାସ୍ତ ଫିସ୍ ବାବଦକୁ ଟ୍ରେଜରି ଚାଲାଣ ଟ. ୧,୦୦୦/- (Non refundable) in Head of account-0853-Non-Ferrous Mining & Metallurgical Industries 102-Mineral concession fees, Rents and Royalties.

୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା "ଉତ୍ସ ର ନାମ, ଖାତା ନଂ., ପ୍ଲଟ ନଂ., ରକବା ଏବଂ କିସମ" ର ସଠିକ ତଥ୍ୟ ଲେଖିବା ବିଧେୟ ।

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟ ପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (MGQ) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍ଟିର ସମ ପରିମାଣ କିମ୍ବା ତଦୁର୍ଦ୍ଧର ଏକ ଶୋଧନାମା ପ୍ରମାଣ ପତ୍ର (Solvency Certificate) ଦାଖଲ କରିବେ କିମ୍ବା ସମମୂଲ୍ୟର Bank Guarantee ଯାହାର ଅବଧି ପରିବର୍ତେ ୧୮ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ {Requisite extent of solvency=MGQx(offered additional charge+Royalty)}।

୫. ସାରଣୀ ଦର୍ଶିତ ସ୍ତମ୍ଭ-୧୩ ରେ ଲିଖିତ EMD ମୂଲ୍ୟର BANK DRAFT, Tahasildar, Purushottampur & payable at SBI, Purushottampur ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

୬. ଫର୍ମ 'M' ରେ ଥିବା କ୍ରମିକ ନମ୍ବର ୫ ରେ Rate of Additional Charge (per cubic metre) quote କରିବାକୁ ପଡିବ ।

☞ *ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନ କଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।*

୭. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୮. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules, ୨୦୧୬ ର ସମସ୍ତ ସର୍ତାବଳୀକୁ ପାଳନ କରିବା ବିଧେୟ ।

<u>ଏତତ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ ଗୁଡିକ ସମ୍ବନ୍ଧରେ ଧାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଇଅଛି ।</u>

୧. ଦରଖାସ୍ତ ଦେବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟୀ ହେବେ ନାହିଁ ।

୨. ଚଳିତ ବର୍ଷରେ ପଥର ଉତ୍ସ ପାଇଁ ପଥରର ପ୍ରତି ଘନ ମିଟର ପିଛା Royalty ବାବଦକୁ ୧୩୦ ଟଙ୍କା ବାଲି ଉତ୍ସ ପାଇଁ ବାଲିର Royalty ପ୍ରତି ଘନ ମିଟର ପିଛା ୩୫ ଟଙ୍କା ଧାର୍ଯ୍ୟ ଅଛି । ଏହା ଅପରିବର୍ତିତ । ଏହା ପରବର୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ ୪୦% ବର୍ଦ୍ଧିତ କରାଯାଇପାରେ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ ସ୍ତମ୍ଭ-୧୦ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ବା ତଦୁର୍ଦ୍ଧ quote କରିବାକୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରୀ ମାଧମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ଲିଜଧାରୀଙ୍କୁ ସାତ ଦିନ ମଧରେ ରଙ୍କହ୍ଵଙ୍କ-ର ମାଧମରେ ଏ ବିଷୟରେ ଜଣାଇ ଦିଆଯିବ ଏବଂ ତାଙ୍କର ସହମତି ୧୫ ଦିନ ମଧରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

୩. ମନୋନିତ ଆବେଦନକାରୀ ୩ ମାସ ମଧରେ ଉପଯୁକ୍ତ ପଦାଧିକାରୀଙ୍କ ଠାରୁ Mining plan ଓ Environmental Clearance ଦାଖଲ କରି ଫର୍ମ-N ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧତାମୂଳକ ଅଟେ । ଅନ୍ୟଥା ଆଇନାନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ବାଜ୍ୟାପ୍ତି କରାଯିବ ।

୪. ଏଥିସହ Surface Rent, Dead Rent, Royalty ଆଦିର ନିର୍ଦ୍ଧାରିତ ମୂଲ୍ୟ ଦାଖଲ କରିବା ହେବେ ଏବଂ ତିନି ସପ୍ତାହ ମଧରେ Indian Registration Act & Stamp Act ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ Form-N ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏହା ବ୍ୟତୀତ Fees for compensatory afforestation ଏବଂ Income Tax ବାବଦକୁ ଟଙ୍କା ପଇଠ କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ।

୫. ଯଦି ଲିଜ୍ ଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ ପରିଚାଳନା କରି ପାରିବେ ।

୬. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ୍ ସମୟରେ ସରକାରୀ ଦେୟ ପଇଠ ନ କରନ୍ତି ବା ନିଲାମର ସର୍ତାବଳୀ ଖିଲାପ କରନ୍ତି, ତାହାଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ୍ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପରେ ସୁଯୋଗ ଦିଆଯିବ ।

୭. ହିସାବ ଅନୁଯାୟୀ ରୟାଲଟି ଏବଂ Additional Charge ର ୫% Odisha Envrionmental Management Fund Trust, Bhubaneswar ବାବଦକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ Demand Draft ଆକାରରେ ଦାଖଲ କରିବେ ।

୮. ଲିଜ୍ ଧାରୀ ସୈରାତ୍ ଉତ୍ସର ନକ୍ସା ଅନୁଯାୟୀ concrete pilar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରି କରି ସେଥିରେ ସୈରାତ୍ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

୯. ଜମା ରୟାଲ୍ଟିର ୨% ଲିଜ୍ଧାରୀ ଆୟ କର (TDS) ଆକାରରେ ଟଙ୍କା ଜମା କରିବେ ।

୧୦. ଲିଜ୍ ପରେ ସୈରାତ୍ ଉତ୍ସ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୨. ଚଳିତ ବର୍ଷ ର ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡିବ ।

| | | |
|---|---|---|
| 1. | Stone (per cubic metre) | Rs.130.00 |
| 2. | Sand (per cubic metre) | Rs.35.00 |
| 3. | Surface rent (per hec.) | Rs.360.00 |
| 4. | Dead rent (per hec.) | Rs.10,500.00 (for sand) |
| 5. | Dead rent (per hec) | Rs.18,000.00 (for stone) |

ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଉପରୋକ୍ତ ଦେୟ ଭବିଷ୍ୟତରେ ପରିବର୍ତ୍ତନ କରାଯାଇପାରେ ।

୧୩. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତାବଳୀ ଖିଲାପ କରନ୍ତି, ତାହେଲେ EMD/Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ । ଲିଜ୍ ଚୁକ୍ତିନାମା ଦସ୍ତଖତ ଦସ୍ତଖତ ପରେ ଯଦି କୌଣସି ଲିଜ୍ ଧାରୀ Odisha Minor Mineral Concession Rules, ୨୦୧୬ ର ଉଲଂଘନ କରନ୍ତି ତାହେଲେ ଲିଜ୍ଧାରୀଙ୍କର ଲିଜ୍କୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କରାଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ୍ ବା ସ୍ଥଗିତ କରିପାରିବେ ।

ତହସିଲଦାର, ପୁରୁଷୋତ୍ତମପୁର

ଜ୍ଞାପକ ସଂଖ୍ୟା-. 4498 ତାରିଖ-. 23/8/18

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ପୁରୁଷୋତମପୁର / ସମସ୍ତ ରାଜସ୍ୱ ନିରୀକ୍ଷକ, ପ ତହସିଲ / ସମ୍ପୃକ୍ତ ଗ୍ରାମ ପଂଚାୟତ, ସରପଂଚଙ୍କ ଅବଗତି ତଥା ନୋଟିସ୍ ବୋର୍ଡରେ ପ୍ରକାଶ କରି ବିସ୍ତୃତ ଭାବେ ପ୍ରଚ଼ର କରିବା ନିମନ୍ତେ ପ୍ରେରଣ କରାଗଲା ।

23/8/18

ତହସିଲଦାର, ପୁରୁଷୋତମପୁର

ଜ୍ଞାପକ ସଂଖ୍ୟା-. 4499 ତାରିଖ-. 23/8/18

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର / ଉପ-ଜିଲ୍ଲାପାଳ, ଛତ୍ରପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

23/8/18

ତହସିଲଦାର, ପୁରୁଷୋତମପୁର

ଜ୍ଞାପକ ସଂଖ୍ୟା-. 4500 ତାରିଖ-. 23/8/18

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଛତ୍ରପୁରଙ୍କ ଅବଗତି ତଥା ଜିଲ୍ଲାପାଳଙ୍କ ୱେବ୍‌ସାଇଟ୍ ରାଷ୍ଟ୍ରିୟ ସୂଚନା ବିଜ୍ଞାନ କେନ୍ଦ୍ର, ଛତ୍ରପୁରରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା ।

23/8/18

ତହସିଲଦାର, ପୁରୁଷୋତମପୁର

ଜ୍ଞାପକ ସଂଖ୍ୟା-. 4501 ତାରିଖ-. 23/8/18

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

23/8/18

ତହସିଲଦାର, ପୁରୁଷୋତମପୁର

ଜ୍ଞାପକ ସଂଖ୍ୟା-........ 4502 ତାରିଖ-.................. 23/8/18

ଏହାର ଏକକିତା ନକଲ ପୁରୁଷୋତମପୁର ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ବିସ୍ତୃତ ପ୍ରଚ଼ର କରିବା ନିମନ୍ତେ ପ୍ରେରଣ କରାଗଲା ।

23/8/18

ତହସିଲଦାର, ପୁରୁଷୋତମପୁର

ANNEXURE-I

# REVISED LIST WEB-HOSTED
# DATA BASE OF SAIRAT SOURCE OF PURUSHOTTAMPUR TAHASIL

| Sl. No | Name of The Village | Name of The Source | Type | Khata No | Plot No | Extent in Ac | Extent in Hect. | Rate of Royalty per Cums(for differed type of Minor Minerals) with 5% additional Charges(130+7)=137 | Minimum Guarnted Quantity | Solvency | EMD |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | Balakrushnapur | Stone Quarry | Stone Quarry | 547 | 835 | 2.000 | 0.8094 | Rs. 137/- | 118 | 2 Lakh | 850 |
| 2 | Raghunath Palli | Stone Quarry | Stone Quarry | 277 | 323 | 2.000 | 0.8094 | | 107 | 2 Lakh | 770 |
| 3 | `Tankachhai | Stone Quarry | Stone Quarry | 489 | 2224 | 2.000 | 0.8094 | | 281 | 2 Lakh | 2023 |
| 4 | Ganganapur | Stone Quarry | Stone Quarry | 810 | 5695 | 2.000 | 0.8094 | | 536 | 2 Lakh | 3860 |
| 5 | Nimapali -B | Stone Quarry | Stone Quarry | 518 | 896 | 16.000 | 6.4752 | | 755 | 10 Lakh | 5436 |
| 6 | Pinchuli -C | Stone Quarry | Stone Quarry | 335 | 119 | 2.000 | 0.8094 | | 178 | 2 Lakh | 1,220/- |
| 7 | Sunathar -A | Stone Quarry | Stone Quarry | 2103 | 6439 | 2.000 | 0.8094 | | 1350 | 2 Lakh | 9,247/- |
| 8 | Sunathar -B | Stone Quarry | Stone Quarry | 2103 | 6439 | 13.000 | 5.2611 | | 1350 | 10 Lakh | 9,250/- |
| 9 | Sunathar -C | Stone Quarry | Stone Quarry | 2103 | 6439 | 13.000 | 5.2611 | | 1350 | 10 Lakh | 9,250/- |
| 10 | Sasanapalli-B | Stone Quarry | Stone Quarry | 297 | 1043 | 10.000 | 4.0470 | | 2107 | 5 Lakh | 14,432/- |
| 11 | Bhatakumarad | Stone Quarry | Stone Quarry | 1769 | 4873 | 10.175 | 4.1178 | | 2540 | 5 Lakh | 17,399/- |
| 12 | Bhatakumarad | Stone Quarry | Stone Quarry | 1769 | 2637 | 4.000 | 1.6188 | | 414 | 2 Lakh | 2,840/- |
| 13 | Bhatakumarad | Stone Quarry | Stone Quarry | 1769 | 4661<br>6519 | 17.475 | 7.0721 | | 3930 | 10 Lakh | 28,296/- |
| 14 | Bhatakumarad | Stone Quarry | Stone Quarry | 1769 | 4952 | 9.575 | 3.8750 | | 1546 | 5 Lakh | 10,822/- |
| 15 | Bhatakumarad | Stone Quarry | Stone Quarry | 1769 | 2859<br>2871 | 4.000 | 1.6188 | | 761 | 2 Lakh | 5,479/- |
| 16 | Ambilapalli-B | Stone Quarry | Stone Quarry | 449 | 1555 | 2.000 | 0.8094 | | 47 | 2Lakh | 339/- |

**N.B. The MGQ is subject to be revised basing on the Mining Plan prepared by RQP.**

Tahasildar,Purushottampur

TAHASILDAR
Purushottampur (Gm.)